# ତହସିଲଦାରଙ୍କ କାର୍ଯ୍ୟାଳୟ, ବାରିପଦା,ମୟୁରଭଞ୍ଜ

## ନିଲାମ ଇସ୍ତାହାର

ନଂ 5689 ତା 4/09/25

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବାରିପଦା ତହସିଲର 2025-26 ବର୍ଷ ପାଇଁ ନିମ୍ନଲିଖିତ ସୈରାତ ଉତ୍ସ ଗୁଡିକର ନିମ୍ନ କାର୍ଯ୍ୟ ସୂଚୀ ଅନୁଯାୟୀ ତହସିଲଦାରଙ୍କ ଦ୍ୱାରା ଜଉମୁଦ (Sealed Tender) ମାଧମରେ ନିଲାମ କରାଯିବ । ଏଥିପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଜଉମୁଦ ଲଫାପା ଆବେଦନ ପତ୍ର ଆହ୍ୱାନ କରାଯାଉଛି । ଆଗ୍ରହୀ ବ୍ୟକ୍ତିମାନେ ସୈରାତ ଉତ୍ସ ବାବଦ ଧାର୍ଯ୍ୟ ତାରିଖ ଓ ସମୟରେ ଉତ୍ସ ବାବଦ ସରକାରୀ ଧାର୍ଯ୍ୟମୂଲ୍ୟର (10) ପ୍ରତିଶତ ଅର୍ଥ ଅମାନତ ରୂପେ ତହସିଲ କାର୍ଯ୍ୟାଳୟ ନାଜିରଙ୍କ ଠାରେ ଦଖଲ କରି ଆବେଦନ ଫର୍ମ , ସବିଶେଷ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ପାଇ ପାରିବେ ଏବଂ ତାହାର ରସିଦ ଆବେଦନ ପତ୍ରରେ ସଂଲଗ୍ନପୂର୍ବକ ଜଉମୁଦ ଲଫାପାରେ ବାରିପଦା ତହସିଲ କାର୍ଯ୍ୟାଳୟସ୍ଥ ନିର୍ଦ୍ଧାରିତ ବାକ୍ସରେ ଧାର୍ଯ୍ୟ ତାରିଖ ଓ ସମୟରେ ପକାଇବେ । ଜଉମୁଦ ଲଫାପା ଉପରେ ସୈରାତ ଉତ୍ସର ନାମ ଏବଂ ଲଫାପା ଭିତରେ ଆବେଦନକାରୀଙ୍କ ନାମ, ସଂପୂର୍ଣ୍ଣ ଠିକଣା ସହ କେତେ ମୂଲ୍ୟରେ ନିଲାମ ନେବାକୁ ଚାହୁଁଛନ୍ତି ତାହା ସ୍ପଷ୍ଟ ଉଲ୍ଲେଖ କରିବେ । ଜଉମୁଦ ଲଫାପା ଆବେଦନ ପତ୍ର ପାଇବାର ତାରିଖ ଓ ସମୟ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ,ଏହା ପରେ ଆଉ କୌଣସି ଆବେଦନ ପତ୍ର ଗ୍ରହଣୀୟ ନୁହେଁ । ନିଲାମ ବାକ୍ସରେ ପଡିଥିବା ଜଉମୁଦ ଆବେଦନ ପତ୍ରଗୁଡିକ ନିମ୍ନ କାର୍ଯ୍ୟସୂଚୀ ମତେ, ତହସିଲଦାର ବାରିପଦାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଆବେଦନକାରୀ ମାନଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ସର୍ବୋଚ୍ଚ ଜଉମୁଦ ନିଲାମଧାରୀଙ୍କ ପକ୍ଷରେ ନିଲାମ ଗୃହୀତ ହେବ । ନିଲାମ ପାଇଁ ଧାର୍ଯ୍ୟ ତାରିଖ ମଧ୍ୟରୁ ପ୍ରଥମ ତାରିଖରେ ନିଲାମ ହୋଇ ନ ପାରିଲେ ଦ୍ୱିତୀୟ ତାରିଖରେ ନିଲାମ କରାଯିବ ।

ଏତଦ୍ ବ୍ୟତୀତ ସର୍ବୋଚ୍ଚ/ ଯୋଗ୍ୟ ବିବେଚିତ ନିଲାମଧାରି ସମସ୍ତ ପ୍ରାପ୍ୟ ଏକକାଳୀନ ପୈଠ କରିବେ, ନଚେତ ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ । ଯୋଗ୍ୟ ବିବେଚିତ ନିଲାମଧାରୀଙ୍କ ବ୍ୟତୀତ ଅନ୍ୟମାନେ ଅମାନତ ଅର୍ଥ ନିଲାମ ଚୁଡାନ୍ତ ପରେ ଫେରସ୍ତ ପାଇବେ । ଯୋଗ୍ୟ ବିବେଚିତ ନିଲାମଧାରୀ MTA ରେ ଉଲ୍ଲେଖିତ ସର୍ତ୍ତାବଳୀ , କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ତଥା ଏହାଉପରେ ସରକାରଙ୍କ ପରିବର୍ତ୍ତିତ ନିୟମାବଳୀ ( ଯଦି ଭବିଷ୍ୟତରେ ଜାରି ହୁଏ ) ର ପରିସରଭୁକ୍ତ ରହିବେ ।

## କାର୍ଯ୍ୟସୂଚୀ

| କ୍ରମିକ ସଂଖ୍ୟା | ସୈରାତର ନାମ | ଅବସ୍ଥିତ ଓ ବିବରଣୀ | ଅବଧାରିତ ମୂଲ୍ୟ | ଜଉମୁଦ ନିଲାମ ଖୋଲା ହେବା ସ୍ଥାନ | ଆବେଦନ ଫର୍ମ ପାଇବାର ଶେଷ ତାରିଖ ଓ ସମୟ | ଜଉମୁଦ ନିଲାମ ଲଫାପା ଖୋଲା ହେବାର ତାରିଖ ଓ ସମୟ |
|---|---|---|---|---|---|---|
| 1 | Gobardhanshul Weekly Hat (TMC No-9/2025-26) | ମୌଜା- ଗୋବର୍ଦ୍ଧନଶୁଳ ଖାତା ନଂ ୧୭୩ ପ୍ଲଟନଂ - ୩୭୪ କିସମ - ଗ୍ରାମ୍ୟ ଜଙ୍ଗଲ ରକବା-ଏ ୧.୨୭ | Rs.23,500/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 16.09.2025/ ଦିବା 10 AM ରୁ 5.30 PM ମଧ୍ୟରେ | ତା 17.09.2025 ଦିବା 11.30 ମଧ୍ୟରେ |
| 2 | Restaurant Kacheri Compound Baripada ( TMC NO-10 /25-26) | ମୌଜା- ବାରିପଦା ଟାଉନ ୟୁନିଟ ନଂ-୨ ଖାତା ନଂ- ୭୧ ପ୍ଲଟନଂ - ୧୯୬/୧ କିସମ - ଘରବାରି-୧ ରକବା-ଏ ୦.୦୨ | Rs. 4,300/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 16.09.2025/ ଦିବା 10 AM ରୁ 5.30 PM ମଧ୍ୟରେ | ତା 17.09.2025 ଦିବା 11.30 ମଧ୍ୟରେ |

ତହସିଲଦାର, ବାରିପଦା

ପରିପତ୍ର ସଂଖ୍ୟା ୫୬୭୦ / ତଉଜି, ତା 4/୦୭/୨୫ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା ଜିଲ୍ଲା କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ବାରିପଦାଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବାରିପଦା

ପରିପତ୍ର ସଂଖ୍ୟା ୫୬୭୧ / ତଉଜି, ତା 4/୦୭/୨୫ ରିଖ

ଏହାର ଏକକିତା ନକଲ ବାରିପଦା ତହସିଲ କାର୍ଯ୍ୟାଳୟ ନୋଟିସ୍ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ପରିଦର୍ଶକ ବାରିପଦା , ରାଜସ୍ୱ ନିରୀକ୍ଷକ ବାରିପଦା-1 ଏବଂ ବାରିପଦା-2 ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଗଲା କି ଉପରୋକ୍ତ ସୈରାତ ନିଲାମ ସମ୍ପର୍କରେ ସମ୍ପୃକ୍ତ ଗ୍ରାମରେ ଢେଙ୍ଗୁରା ଦ୍ୱାରା ଗ୍ରାମବାସୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନିଜ କାର୍ଯ୍ୟାଳୟ ନୋଟିସ୍ ଫଳକରେ ପ୍ରକାଶିତ କରିବେ ।

ଏହାର ଏକକିତା ନକଲ ବ୍ଲକ ଉନ୍ନୟନ ଅଧିକାରୀ, ବାରିପଦା/ ଭାରପ୍ରାପ୍ତ ଅଧିକାରୀ, ବାରିପଦା ଟାଉନ ଓ ସଦର ଥାନା / କାର୍ଯ୍ୟନିର୍ବାହି ଅଧିକାରୀ ବାରିପଦା ମ୍ୟୁନିସିପାଲଟି ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ରାଜାବସା, [illegible] ଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବାରିପଦା